**Signature and Name of Invigilator**

1. (Signature) ____________________

   (Name) ____________________

2. (Signature) ____________________

   (Name) ____________________

**OMR Sheet No. :** ..............................................
(To be filled by the Candidate)

**Roll No.** | | | | | | | | |
(In figures as per admission card)

**Roll No.** ____________________
(In words)

**J 2 3 1 5**

# PAPER - III
# ODIA

**Time : 2½ hours]** **[Maximum Marks : 150**

Number of Pages in this Booklet : **16** Number of Questions in this Booklet : **75**

## Instructions for the Candidates

1. Write your roll number in the space provided on the top of this page.
2. This paper consists of seventy five multiple-choice type of questions.
3. At the commencement of examination, the question booklet will be given to you. In the first 5 minutes, you are requested to open the booklet and compulsorily examine it as below :
   (i) To have access to the Question Booklet, tear off the paper seal on the edge of this cover page. Do not accept a booklet without sticker-seal and do not accept an open booklet.
   (ii) **Tally the number of pages and number of questions in the booklet with the information printed on the cover page. Faulty booklets due to pages/questions missing or duplicate or not in serial order or any other discrepancy should be got replaced immediately by a correct booklet from the invigilator within the period of 5 minutes. Afterwards, neither the Question Booklet will be replaced nor any extra time will be given.**
   (iii) After this verification is over, the Test Booklet Number should be entered on the OMR Sheet and the OMR Sheet Number should be entered on this Test Booklet.
4. Each item has four alternative responses marked (1), (2), (3) and (4). You have to darken the circle as indicated below on the correct response against each item.
   **Example :** ① ② ● ④ where (3) is the correct response.
5. Your responses to the items are to be indicated in the **OMR Sheet given inside the Booklet only.** If you mark your response at any place other than in the circle in the OMR Sheet, it will not be evaluated.
6. Read instructions given inside carefully.
7. Rough Work is to be done in the end of this booklet.
8. If you write your Name, Roll Number, Phone Number or put any mark on any part of the OMR Sheet, except for the space allotted for the relevant entries, which may disclose your identity, or use abusive language or employ any other unfair means, such as change of response by scratching or using white fluid, you will render yourself liable to disqualification.
9. You have to return the original OMR Sheet to the invigilators at the end of the examination compulsorily and must not carry it with you outside the Examination Hall. You are however, allowed to carry original question booklet and duplicate copy of OMR Sheet on conclusion of examination.
10. **Use only Blue/Black Ball point pen.**
11. **Use of any calculator or log table etc., is prohibited.**
12. **There are no negative marks for incorrect answers.**

## परीक्षार्थियों के लिए निर्देश

1. इस पृष्ठ के ऊपर नियत स्थान पर अपना रोल नम्बर लिखिए।
2. इस प्रश्न-पत्र में पचहत्तर बहुविकल्पीय प्रश्न हैं।
3. परीक्षा प्रारम्भ होने पर, प्रश्न-पुस्तिका आपको दे दी जायेगी। पहले पाँच मिनट आपको प्रश्न-पुस्तिका खोलने तथा उसकी निम्नलिखित जाँच के लिए दिये जायेंगे, जिसकी जाँच आपको अवश्य करनी है :
   (i) प्रश्न-पुस्तिका खोलने के लिए पुस्तिका पर लगी कागज की सील को फाड़ लें। खुली हुई या बिना स्टीकर-सील की पुस्तिका स्वीकार न करें।
   (ii) **कवर पृष्ठ पर छपे निर्देशानुसार प्रश्न-पुस्तिका के पृष्ठ तथा प्रश्नों की संख्या को अच्छी तरह चैक कर लें कि ये पूरे हैं। दोषपूर्ण पुस्तिका जिनमें पृष्ठ/प्रश्न कम हों या दुबारा आ गये हों या सीरियल में न हों अर्थात किसी भी प्रकार की त्रुटिपूर्ण पुस्तिका स्वीकार न करें तथा उसी समय उसे लौटाकर उसके स्थान पर दूसरी सही प्रश्न-पुस्तिका ले लें। इसके लिए आपको पाँच मिनट दिये जायेंगे। उसके बाद न तो आपकी प्रश्न-पुस्तिका वापस ली जायेगी और न ही आपको अतिरिक्त समय दिया जायेगा।**
   (iii) इस जाँच के बाद प्रश्न-पुस्तिका का नंबर OMR पत्रक पर अंकित करें और OMR पत्रक का नंबर इस प्रश्न-पुस्तिका पर अंकित कर दें।
4. प्रत्येक प्रश्न के लिए चार उत्तर विकल्प (1), (2), (3) तथा (4) दिये गये हैं। आपको सही उत्तर के वृत्त को पेन से भरकर काला करना है जैसा कि नीचे दिखाया गया है।
   **उदाहरण :** ① ② ● ④ जबकि (3) सही उत्तर है।
5. प्रश्नों के उत्तर **केवल प्रश्न पुस्तिका के अन्दर दिये गये OMR पत्रक पर ही** अंकित करने हैं। यदि आप OMR पत्रक पर दिये गये वृत्त के अलावा किसी अन्य स्थान पर उत्तर चिन्हांकित करते हैं, तो उसका मूल्यांकन नहीं होगा।
6. अन्दर दिये गये निर्देशों को ध्यानपूर्वक पढ़ें।
7. कच्चा काम (Rough Work) इस पुस्तिका के अन्तिम पृष्ठ पर करें।
8. यदि आप OMR पत्रक पर नियत स्थान के अलावा अपना नाम, रोल नम्बर, फोन नम्बर या कोई भी ऐसा चिह्न जिससे आपकी पहचान हो सके, अंकित करते हैं अथवा अभद्र भाषा का प्रयोग करते हैं, या कोई अन्य अनुचित साधन का प्रयोग करते हैं, जैसे कि अंकित किये गये उत्तर को मिटाना या सफेद स्याही से बदलना तो परीक्षा के लिये अयोग्य घोषित किये जा सकते हैं।
9. आपको परीक्षा समाप्त होने पर मूल OMR पत्रक निरीक्षक महोदय को लौटाना आवश्यक है और परीक्षा समाप्ति के बाद उसे अपने साथ परीक्षा भवन से बाहर न लेकर जायें। हालांकि आप परीक्षा समाप्ति पर मूल प्रश्न-पुस्तिका तथा OMR पत्रक की डुप्लीकेट प्रति अपने साथ ले जा सकते हैं।
10. **केवल नीले/काले बाल प्वाईंट पेन का ही इस्तेमाल करें।**
11. **किसी भी प्रकार का संगणक (कैलकुलेटर) या लाग टेबल आदि का प्रयोग वर्जित है।**
12. **गलत उत्तरों के लिए कोई नकारात्मक अंक नहीं हैं।**

# ODIA

## ଓଡ଼ିଆ

## PAPER - III

## ପ୍ରଶ୍ନପତ୍ର - III

**Note :** This paper contains **seventy five (75)** objective type questions of **two (2)** marks each. **All** questions are **compulsory**.

**ନିର୍ଦ୍ଦେଶ :** ଏହି ପତ୍ରରେ ପଞ୍ଚସ୍ତରୀ **(75)** ଟି ବିବିଧ ପସନ୍ଦ ଭିତ୍ତିକ ପ୍ରଶ୍ନ ରହିଛି । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦୁଇ **(2)** । ସମସ୍ତ ପ୍ରଶ୍ନର ଉତ୍ତର ଦେବା ବାଧ୍ୟତାମୂଳକ ।

**1.** ଶ୍ରୀ ଜଗନ୍ନାଥଙ୍କର ନାଗାର୍ଜୁନ ବେଶ କେବେ ହୋଇଥାଏ?

(1) ଯୋଡ଼ା ଆଷାଢରେ (2) ଦେବସ୍ନାନ ପୂର୍ଣ୍ଣିମାରେ

(3) ଛଅ ଦିନିଆ ପଞ୍ଚୁକର ଶେଷ ଦିନରେ (4) କାର୍ତ୍ତିକ ଅମାବାସ୍ୟାରେ

**2.** 'ନାଥ ସହିତ୍ୟ ଓ ନାଥ ସଂପ୍ରଦାୟ' ର ଲେଖକ କିଏ?

(1) କାହ୍ନୁଚରଣ ମିଶ୍ର (2) ବଂଶୀଧର ମହାନ୍ତି (3) ନଟବର ସାମନ୍ତରାୟ (4) କୃଷ୍ଣଚରଣ ସାହୁ

**3.** 'ପଞ୍ଚମକାର' ଉପାସନା କେଉଁ ଧର୍ମରେ ଅନୁସୃତ?

(1) ବୈଷ୍ଣବ (2) ସୌର (3) ଶାକ୍ତ (4) ଗାଣପତ୍ୟ

**4.** ବ୍ରାହ୍ମ ଧର୍ମରେ କେଉଁ ଧର୍ମର ଛାୟା ଅଧିକ ଅନୁଭୂତ ହୁଏ?

(1) ଯୋରାଷ୍ଟ୍ରୀୟ (2) ବହାଇ (3) ଇସ୍‌ଲାମ୍ (4) ଖ୍ରୀଷ୍ଟ

**5.** 'ଅଷ୍ଟଶୀଳ' କେଉଁ ଧର୍ମ ସହିତ ସଂପୃକ୍ତ?

(1) ବୌଦ୍ଧ (2) ଜୈନ (3) ଶାକ୍ତ (4) ଶୈବ

**6.** ଅବକ୍ରମଣ ତତ୍ତ୍ୱ (Devolution theory) ଭିତ୍ତିକ ଲୋକନାଟକର ଆଲୋଚନାର କେନ୍ଦ୍ରରେ କଣ ଥାଏ?

(1) ଘଟଣାର ଅନୁଲୋମ କ୍ରମିକ ବିଶ୍ଳେଷଣ (2) ମାନବକୁ ଦେବତାୟିତ କରିବାର ପ୍ରକ୍ରିୟା

(3) ଦେବତାଙ୍କୁ ମାନବାୟିତ କରିବାର ପ୍ରକ୍ରିୟା (4) ଦୁଷ୍ଟଶକ୍ତିଙ୍କ ଦୁଷ୍ଟାମିର ବିଶ୍ଳେଷଣ

**7.** ଗାଥାର ନିଶ୍ଚିତ ଲକ୍ଷଣ କେଉଁଟି?

(1) ଗୋଷ୍ଠୀ-ଗାନ (2) ପୁନରୁକ୍ତି (3) ଧର୍ମୀୟ କଥାବସ୍ତୁ (4) ବୀରତ୍ୱ ବର୍ଣ୍ଣନା

8. ସାମୂହିକ ଅଭିଜ୍ଞତାର ଏକକ ଅଭିବ୍ୟକ୍ତି ଭାବେ କିଏ ପରିଚିତ?

(1) ପ୍ରବାଦ ପ୍ରବଚନ (2) ଗାଥା (3) କର୍ମଗୀତ (4) ଲୋକ କାହାଣୀ

9. ଭାବସାର (motif) ଓ ପ୍ରକାର୍ଯ୍ୟ (function) ମଧ୍ୟରେ ମୌଳିକ ପାର୍ଥକ୍ୟ କଣ?

(1) ଭାବସାର ସହାନୁଭୂତି ପ୍ରକାଶକ, ପ୍ରକାର୍ଯ୍ୟ ନୁହେଁ

(2) ଭାବସାର ପରିବର୍ତ୍ତନୀୟ, ପ୍ରକାର୍ଯ୍ୟ ସ୍ଥିର

(3) ଭାବସାର କୌତୂହଳ ସୃଷ୍ଟିକାରୀ, ପ୍ରକାର୍ଯ୍ୟ ନୀତିମୂଳକ

(4) ଭାବସାର ସଂକ୍ଷିପ୍ତତମ, ପ୍ରକାର୍ଯ୍ୟ ଦୀର୍ଘ

10. ଲୁଇପାଦଙ୍କର ଗୁରୁ କିଏ ଥିଲେ?

(1) ଭୁସୁକୁପା (2) ଶବରୀପା (3) କାହ୍ନୁପା (4) ସରହପା

11. 'କନକପୁର ପାଟଣା'କୁ କେଉଁ କବି ନିଜର ଜନ୍ମସ୍ଥାନ ବୋଲି ଉଲ୍ଲେଖ କରିଛନ୍ତି?

(1) ବିଷ୍ଣୁଦାସ (2) ସାରଳା ଦାସ (3) ବନମାଳୀ ଦାସ (4) ଦନାଇ ଦାସ

12. ମାଦଳାପାଞ୍ଜିର କେଉଁ ବିଭାଗରେ ଜଗନ୍ନାଥ ମନ୍ଦିରର ପ୍ରତିଦିନର ରୀତିନୀତି, ପର୍ବପର୍ବାଣି ଓ ଅନ୍ୟାନ୍ୟ ମୁଖ୍ୟ ଘଟଣାବଳୀ ଲିପିବଦ୍ଧ ହେଉଥିଲା?

(1) ଦିନପାଞ୍ଜି (2) ରାଜଖଞ୍ଜା (3) କର୍ମାଙ୍ଗୀ (4) ଚକଡ଼ା

13. ଚର୍ଯ୍ୟାପାଦ କେଉଁ ମସିହାରେ ନେପାଳରୁ ଉଦ୍ଧାର କରାଯାଇଥିଲା?

(1) 1896 (2) 1906 (3) 1916 (4) 1926

14. 'ଚୈତନ୍ୟ ବିଳାସ' କେଉଁ ଧରଣର ଗ୍ରନ୍ଥ?

(1) ଚୈତନ୍ୟଙ୍କ ଜୀବନଚରିତ ସମ୍ବନ୍ଧୀୟ

(2) ଚୈତନ୍ୟ-ଜଗନ୍ନାଥ ଦାସଙ୍କ ସମ୍ପର୍କ

(3) ପଞ୍ଚସଖାଙ୍କ ସମକାଳୀନତା ଓ ଚୈତନ୍ୟଙ୍କ ସହିତ ସେମାନଙ୍କ ବନ୍ଧୁତା

(4) ଶୁଦ୍ଧାଭକ୍ତି ଧର୍ମର ତତ୍ତ୍ୱାବଳୀ ପ୍ରଖ୍ୟାପକ

15. ଦିବାକର ଦାସଙ୍କ ରଚନା କେଉଁଟି?

(1) ବିଷ୍ଣୁଗର୍ଭ ପୁରାଣ (2) ଜଗନ୍ନାଥ ଚରିତାମୃତ (3) ବୈଷ୍ଣବଲୀଳାମୃତ (4) ଚୈତନ୍ୟ ଚରିତାମୃତ

16. 'ନୀଳାଦ୍ରୀଶ ଚଉତିଶା'ର କବି କିଏ?

(1) ଧନଞ୍ଜୟ ଭଞ୍ଜ (2) ଉପେନ୍ଦ୍ର ଭଞ୍ଜ (3) କବିସୂର୍ଯ୍ୟ (4) ଗୋପାଳକୃଷ୍ଣ

17. କେଉଁ କାବ୍ୟଟି ସ୍ୱକୀୟାପ୍ରେମର ନିଦର୍ଶନ?

(1) ଗୋପୀଭାଷା (2) ରହସ୍ୟମଞ୍ଜରୀ (3) ରୁକ୍ମିଣୀ ବିଭା (4) ଗୋପୀଚନ୍ଦନ

18. **'ଠକ ନୋହେ ଗୁରୁକୃଷ୍ଣ ବଇଷ୍ଣବେ ଯେହୁ**
**ଠିକେ ଅର୍ଥ କାଢି ଏଥି ବୁଝିବଟି ସେହୁ ।'**

ଏହି ପଦଟି କେଉଁ କାବ୍ୟର ?

(1) ରସବିନୋଦ (2) ରସ ରତ୍ନାକର (3) ବିଦଗ୍‌ଧ ଚିନ୍ତାମଣି (4) ବିଚକ୍ଷଣା

19. ଉପେନ୍ଦ୍ରଭଞ୍ଜ କେଉଁ କାବ୍ୟରେ ତାଙ୍କ ରଚିତ କାବ୍ୟଗୁଡ଼ିକର ସୂଚନା ଦେଇଅଛନ୍ତି?

(1) ସୁଭଦ୍ରା ପରିଣୟ (2) ବୈଦେହୀଶ ବିଳାସ (3) ଚିତ୍ରକାବ୍ୟ ବନ୍ଧୋଦୟ (4) କଳା କଉତୁକ

20. କାବ୍ୟାଙ୍ଗିକର କେଉଁ ଉପାଦାନ ସାଦୃଶ୍ୟ (Analogy) ନିର୍ଭର?

(1) ଚିତ୍ରକଳ୍ପ ସୃଷ୍ଟି (2) ବର୍ଣ୍ଣନା ବିଳାସ (3) ଭାଷାବିନ୍ୟାସ (4) ଶବ୍ଦବିନ୍ୟାସ

21. ଉଦ୍ଧୃତ ପଦଟି କେଉଁ କାବ୍ୟ ତତ୍ତ୍ୱ ଧାରାର ପ୍ରତିନିଧିତ୍ୱ କରୁଛି?

**'ଶରୀର ମଧ୍ୟଲୋପକୁ ଶରୀର ମଧ୍ୟକୁ**
**ଯୋଖି ପ୍ରହାରିଲା ବିଚାରିଣ ତା ବଧକୁ'**

(1) ଧ୍ୱନିବାଦୀ (2) ରୀତିବାଦୀ (3) ଅଳଙ୍କାରବାଦୀ (4) ଗୁଣବାଦୀ

22. 'ସୌନ୍ଦର୍ଯ୍ୟ' କେଉଁ ଶ୍ରେଣୀୟ ଅବବୋଧ?

(1) ବସ୍ତୁନିଷ୍ଠ (2) ବ୍ୟକ୍ତିନିଷ୍ଠ (3) ବିଚାରନିଷ୍ଠ (4) ଧ୍ୱନିନିଷ୍ଠ

23. ପାଷ୍ଚାତ୍ୟ ଶୈଳୀ ବିଜ୍ଞାନୀ, ସୃଷ୍ଟିରେ ସ୍ରଷ୍ଟାର ବ୍ୟକ୍ତିତ୍ୱର ସମ୍ପର୍କ ନିରୂପଣ କରିଛନ୍ତି । ନିମ୍ନ କେଉଁ ପ୍ରାଚ୍ୟକାବ୍ୟତତ୍ତ୍ୱବିଦ୍ ଏ ସମ୍ପର୍କରେ ସୂଚନା ଦେଇଛନ୍ତି?

(1) ଆନନ୍ଦବର୍ଦ୍ଧନ (2) ବାମନ (3) ଦଣ୍ଡୀ (4) ବିଶ୍ୱନାଥ

24. 'Words in Pages' – ପ୍ରସଙ୍ଗଟି କେଉଁ ସମାଲୋଚନା ପଦ୍ଧତିରେ ଗୁରୁତ୍ୱ ପାଇଥିଲା?

(1) ପ୍ରାୟୋଗିକ ସମାଲୋଚନା (2) ସଂରଚନାତ୍ମକ ସମାଲୋଚନା

(3) ଉତ୍ତର ଆଧୁନିକତାବାଦୀ ସମାଲୋଚନା (4) ଭାଷାତାତ୍ତ୍ୱିକ ସମାଲୋଚନା

25. ନିଜ ପୁରୁଷଠାରେ ଅନ୍ୟ ସ୍ତ୍ରୀର ଅନୁରାଗ ଚିହ୍ନ ଦେଖି ଈର୍ଷିତା ନାୟିକାକୁ କେଉଁ ଶ୍ରେଣୀଭୁକ୍ତ କରାଯିବ?

(1) କଳହାନ୍ତରିତା (2) ସ୍ୱାଧୀନଭର୍ତ୍ତୃକା (3) ପରକୀୟା (4) ଖଣ୍ଡିତା

26. 'ଜ୍ଞାନମଣ୍ଡଳ'ର ସେକଳକ କିଏ?

(1) ବିନୋଦ କାନୁନ୍‌ଗୋ (2) ବିନୋଦ ରାଉତରାୟ (3) ବିନୋଦ ନାୟକ (4) ବିନୋଦ ବିହାରୀ ଦାସ

27. ତଥ୍ୟଗତ ତ୍ରୁଟି କେଉଁଥିରେ ଅଛି?

(1) ଗୌରୀଶଙ୍କର 'ଉତ୍କଳଦୀପିକା'ର ପ୍ରତିଷ୍ଠାତା

(2) 'ନିଆଁଖୁଣ୍ଟା' ପାଇଁ ଗୋଦାବରୀଶ ମିଶ୍ର ଚିରସ୍ମରଣୀୟ

(3) 'ବାଲେଶ୍ୱର ସମ୍ବାଦ ବାହିକା' ସହ ଗୋବିନ୍ଦ ପଟ୍ଟନାୟକ ସଂପୃକ୍ତ ଥିଲେ

(4) 'ଅବକାଶ' ଏକ ସବୁଜଯୁଗୀୟ ପତ୍ରିକା

28. ବର୍ଲିନ୍ ବିଶ୍ୱବିଦ୍ୟାଳୟର ଘଟଣା କେଉଁ ଗ୍ରନ୍ଥରେ ଚର୍ଚ୍ଚିତ?

(1) ଇଉରୋପରେ ମୋ ଅନୁଭୂତି (2) ଆମେରିକାରୁ ଇଉରୋପ, ଆଫ୍ରିକା

(3) ଆଜିର ଇଉରୋପ (4) ଆଜିର ଇଂଲଣ୍ଡ ଓ ଇଉରୋପ

29. କେଉଁଟି ବିନୋଦ ରାଉତରାୟଙ୍କ ରଚନା ନୁହେଁ?

(1) ଓଡ଼ିଶାର ପାରମ୍ପରିକ କଳା ଓ ଲୋକକଳା (2) କାଠଖୋଦେଇ

(3) ଆମ ଗାଁର ଚିତ୍ରକଳା (4) ଚିଲିକା ପାଣିର ଛାଇ

30. 'Studies in Orissan History, Archeology and Archieves' କାହାର ରଚନା?

(1) ରାଧାକୁମୁଦ ମୁଖାର୍ଜୀ (2) କେଦାରନାଥ ମହାପାତ୍ର

(3) ପରମାନନ୍ଦ ଆଚାର୍ଯ୍ୟ (4) ଡି· ସି· ସରକାର

31. 'ଜନଶ୍ରୁତି କାଞ୍ଚିକାବେରୀ'ର ରଚୟିତା କିଏ?

(1) ନରେନ୍ଦ୍ରନାଥ ମିଶ୍ର (2) ଗଗନେନ୍ଦ୍ରନାଥ ମିଶ୍ର (3) ଦାଶରଥି ଦାସ (4) ଚିତ୍ତରଞ୍ଜନ ଦାସ

32. କେଉଁଟି କିଶୋରୀ ଚରଣ ଦାସଙ୍କ ରଚନା ନୁହେଁ?

(1) ଏଣୁଷ୍ଟ ତେଣୁଷ୍ଟ (2) ଠାକୁର ଘର (3) ଭଙ୍ଗା ଖେଳଣା (4) ଲକ୍ଷ ବିହଙ୍ଗ

33. 'ଅଶୁଭପୁତ୍ରର କାହାଣୀ'ର ସ୍ରଷ୍ଟା କିଏ?

(1) ମହାପାତ୍ର ନୀଳମଣି ସାହୁ (2) ଅଖିଳମୋହନ ପଟ୍ଟନାୟକ

(3) ଅଚ୍ୟୁତାନନ୍ଦ ପତି (4) ଚୌଧୁରୀ ହେମକାନ୍ତ ମିଶ୍ର

34. 'ରାହୁର ଛାୟା' ଉପନ୍ୟାସଟିରେ କେଉଁ ଦାରା ଅନୁସୃତ?

(1) ଚେତନା ପ୍ରବାହ ଧାରା (2) ଡାଡାବାଦୀ ଧାରା

(3) ପ୍ରତୀକବାଦୀ ଧାରା (4) ଭବିଷ୍ୟବାଦୀ ଧାରା

35. 'ଲଳିତ ଲବଙ୍ଗ ଲତା' ଉପନ୍ୟାସ କାହାକୁ ଉପଜୀବ୍ୟ କରି ରଚିତ?

(1) ଶ୍ରୀକୃଷ୍ଣ (2) ଶ୍ରୀ ଚୈତନ୍ୟ (3) ଶ୍ରୀ ଜଗନ୍ନାଥ (4) ଶ୍ରୀରାଧା

36. 'ମରାଳର ମୃତ୍ୟୁ' ଗଳ୍ପରେ କେଉଁ ପାଶ୍ଚାତ୍ୟ ଚିନ୍ତାଧାରା ପ୍ରକାଶିତ?

(1) ଅତିବାସ୍ତବ ବାଦ (2) ରୋମାଣ୍ଟିକ୍ ବାଦ (3) ଚିତ୍ରକଳ୍ପ ବାଦ (4) ସ୍ୱଭାବବାଦ

37. କବି ଭାନୁଜୀ ରାଓ କେଉଁ ଶ୍ରେଣୀର କବି?

(1) ଡାଡାବାଦୀ (2) ପ୍ରତୀକବାଦୀ (3) ଅତିବାସ୍ତବବାଦୀ (4) ପ୍ରକୃତିବାଦୀ

38. ଉଦ୍ଧୃତାଂଶଟି କେଉଁ କବିତାରୁ ଆନୀତ-

**'ମାଟିର ସେଇ ସରଗ ମୋର, ସେଇଠି ଅଛି ମୋ ଷଠୀ ଘର'**

(1) ଗ୍ରାମପଥ (2) ତୁମ ଗାଁ (3) ଗାଁ ଏମିତି ନ ଥିଲା (4) ଛୋଟ ମୋର ଗାଁଟି

39. 'ପିଙ୍ଗଳାର ସୂର୍ଯ୍ୟ' କେଉଁ ପୁରସ୍କାର ପ୍ରାପ୍ତ?

(1) ଓଡ଼ିଶା ସାହିତ୍ୟ ଏକାଡେମୀ (2) ସାହିତ୍ୟ ଏକାଡେମୀ

(3) ଶାରଳା ପୁରସ୍କାର (4) ଜ୍ଞାନପୀଠ

40. ଷଷ୍ଠକ (Sestet) କେଉଁ ପ୍ରକାରର ରଚନାରେ ଉପଲବ୍ଧ?

(1) ଚଉପଦୀ (2) ଚତୁର୍ଦ୍ଦଶପଦୀ କବିତା (3) ବ୍ୟଙ୍ଗ କବିତା (4) ମହାକାବ୍ୟ

**41.** **'ମଲା ବାରବାଟୀ ଉପର ଛାତିରେ ଗଜୁରି ନ ଉଠୁ ଦୁବ ।**
**କାହିଁ ଚାଲିଗଲୁ ଚଲାବଉଦରେ ମନାସି କାହାର ଶୁଭ ?'** – କେଉଁ କବିଙ୍କ ପଂକ୍ତି?

(1) ରାଧାମୋହନ ଗଡ଼ନାୟକ (2) ଅନନ୍ତ ପଟ୍ଟନାୟକ
(3) ସତ୍ୟାନନ୍ଦ ଚମ୍ପତିରାୟ (4) ଦୁର୍ଗାମାଧବ ମିଶ୍ର

**42.** କେଉଁଟି ବିଦ୍ୟୁତପ୍ରଭାଙ୍କ ରଚନା ନୁହେଁ?

(1) ମୋ ପେଁକାଳୀ ବଜେଇ ଦେ (2) ଶିଶୁଭାରତୀ
(3) ମୁଁ କେମିତି ପିଲା (4) ପଢୁଥା, ହସି ହସି ଗଢୁଥା

**43.** ନାଟକକୁ କେଉଁ ଜାତୀୟ କଳା କୁହାଯାଏ?

(1) ଚାରୁକଳା (2) କାରୁକଳା (3) ମିଶ୍ରକଳା (4) ଶିଳ୍ପକଳା

**44.** ଓଡ଼ିଆ ନାଟକରେ କେଉଁ ନାଟ୍ୟକାର 'ଚେନ୍‌ସିଷ୍ଟମ୍' ସଂଳାପକୁ ଜନପ୍ରିୟ କରାଇଥିଲେ?

(1) ଅଶ୍ୱିନୀକୁମାର (2) ଗୋପାଳ ଛୋଟରାୟ
(3) କାଳୀଚରଣ ପଟ୍ଟନାୟକ (4) ମନୋରଞ୍ଜନ ଦାସ

**45.** ନାଟକୀୟ ଦ୍ୱନ୍ଦ୍ୱ କେତେ ପ୍ରକାରର?

(1) ଦୁଇପ୍ରକାର (2) ତିନିପ୍ରକାର (3) ଚାରିପ୍ରକାର (4) ଛଅପ୍ରକାର

**46.** ଏପିକ୍ ନାଟକର ମୂଳଉତ୍ସ କିଏ?

(1) ଗ୍ରୀସୀୟ ନାଟ୍ୟଶୈଳୀ (2) ଜାପାନର ନୋ ଡ୍ରାମା ଶୈଳୀ
(3) ଭାରତୀୟ ନାଟ୍ୟଶୈଳୀ (4) ଚୈନିକ ନାଟକଧାରା

**47.** 'ନିନ୍ଦିତ ଗଜପତି'ର ଲେଖକ କିଏ?

(1) ବନବିହାରୀ ପଣ୍ଡା (2) ପ୍ରଫୁଲ୍ଲ ମହାନ୍ତି (3) ହରିହର ମିଶ୍ର (4) ନାରାୟଣ ଶତପଥୀ

**48.** 'ତାହା' କି ପ୍ରକାର ସର୍ବନାମ?

(1) ସମ୍ମାନସୂଚକ ସର୍ବନାମ (2) ନିର୍ଦ୍ଦେଶକ ସର୍ବନାମ
(3) ସମୂହବାଚକ ସର୍ବନାମ (4) ନିକଟ ନିର୍ଦ୍ଦେଶକ ସର୍ବନାମ

49. ଲିଙ୍ଗ, ବଚନ, ପୁରୁଷ, କାଳ, ବିଭକ୍ତି ଭେଦରେ ଯେଉଁପଦର କୌଣସି ପରିବର୍ତ୍ତନ ଘଟେନାହିଁ, ତାକୁ କେଉଁପଦ କୁହାଯାଏ?

(1) ସର୍ବନାମ (2) ବିଶେଷ୍ୟ (3) ଅବ୍ୟୟ (4) ବିଶେଷଣ

50. ନିମ୍ନ ପଦଟିରେ କେଉଁ ଅଳଙ୍କାର ପ୍ରତିଭାତ?

**'ନାହିଁ ଏ ଭାରତେ ବିଦ୍ୟାର ବିଳାସ ନାହିଁ ଏ ଭାରତେ ଶୌର୍ଯ୍ୟର ପ୍ରକାଶ ।'**

(1) ଶ୍ଳେଷ (2) ବକ୍ରୋକ୍ତି (3) ଅନୁପ୍ରାସ (4) ଉତ୍ପ୍ରେକ୍ଷା

51. ନିମ୍ନ ପଦଟିରେ କେଉଁ ଅଳଙ୍କାର ପ୍ରତିଭାତ?

ବାସବ ଦିଗେ ଅଭ୍ରମୁ କରିଣୀ
ବିଜନ୍ୟ କଲା ରକ୍ତପିଣ୍ଡ ଆଣି
ବିମ୍ବ ସବିତାର ଦିଶି ଆସିଲା
ବିଞ୍ଚେ କର୍ଣ୍ଣେ ଶୀତ ବାତ ସେ ହେଲା ।

(1) ଉତ୍ପ୍ରେକ୍ଷା (2) ନିଦର୍ଶନା (3) ସମାସୋକ୍ତି (4) ରୂପକ

52. ଚାଖି ଛନ୍ଦର ଏକପଦ କେତେ ପାଦ ବିଶିଷ୍ଟ?

(1) ତିନି (2) ଚାରି (3) ଛଅ (4) ଦୁଇ

53. ନିମ୍ନୋକ୍ତ ପଦଟି କେଉଁ ଛନ୍ଦରେ ରଚିତ?

**ହଁ, ମତେ ସେ କହିଲା, ଏଇଟା ହିଁ ଠିକ୍ ରାସ୍ତା**
**ନିର୍ବିଘ୍ନରେ ଯିବାପାଇଁ ପାଖ ସହରକୁ, ଏ ରାସ୍ତାରେ**
**କିଛିବାଟ ଯିବାପରେ ତମେ ଏକ ମନ୍ଦିର ଦେଖିବ;**
**ଚୂଡ଼ା ତା' ଭାଙ୍ଗିଲାଣି ତଥାପି . . . . ।**

(1) ପଦ୍ୟଛନ୍ଦ (2) ଅମିତ୍ରାକ୍ଷର ଛନ୍ଦ (3) ଗଦ୍ୟଛନ୍ଦ (4) ପୂର୍ବମିତ୍ରାକ୍ଷର ଛନ୍ଦ

54. ଇଂରାଜୀରେ ଭାରତୀୟ ଆର୍ଯ୍ୟଭାଷାର ତୁଳନାତ୍ମକ ବ୍ୟାକରଣ (A Comparative Grammar of Aryan Languages of India) କିଏ ଲେଖିଥିଲେ?

(1) ହାରନୋଲ (2) ୱିଣ୍ଟରନିଜ୍ (3) ଗ୍ରୀୟରସନ୍ (4) ଜନ୍ ବୀମ୍ସ

55. 'ଧ୍ୱନିବିଜ୍ଞାନ' ପୁସ୍ତକର ରଚୟିତା କିଏ?

(1) ଗୋଲକ ବିହାରୀ ଧଳ (2) କରୁଣାକର କର

(3) ଗଗନେନ୍ଦ୍ରନାଥ ଦାଶ (4) ଧନେଶ୍ୱର ମହାପାତ୍ର

56. ଓଡ଼ିଆରେ ବ୍ୟବହୃତ ଉପସର୍ଗ ଗୁଡ଼ିକ କି ପ୍ରକାର ପ୍ରତ୍ୟୟ?

(1) ପୂର୍ବ ପ୍ରତ୍ୟୟ (2) ମୁକ୍ତ ପ୍ରତ୍ୟୟ (3) ମଧ୍ୟ ପ୍ରତ୍ୟୟ (4) ପର ପ୍ରତ୍ୟୟ

57. 'ଟ' କି ପ୍ରକାର ଧ୍ୱନି?

(1) କଣ୍ଠ୍ୟ (2) ତାଲବ୍ୟ (3) ଓଷ୍ଠ୍ୟ (4) ମୂର୍ଦ୍ଧଣ୍ୟ

58. 'ଔ' କି ପ୍ରକାର ଧ୍ୱନି?

(1) ସନ୍ଧିସ୍ୱର (2) ଅଗ୍ରସ୍ୱର (3) ଏକକ ସ୍ୱର (4) ଶୁଦ୍ଧ ସ୍ୱର

59. ନିମ୍ନ ଧ୍ୱନିମାନଙ୍କ ଭିତରୁ କେଉଁଟି ଅର୍ଦ୍ଧ ସ୍ୱର?

(1) ହ (2) ଐ (3) ୟ (4) କେହି ନୁହନ୍ତି

60. ଅଷ୍ଟାଧ୍ୟାୟୀ ବ୍ୟାକରଣର ସୂତ୍ରଗୁଡ଼ିକୁ କଣ କୁହାଯାଏ?

(1) ପାଣିନିସୂତ୍ର (2) ଶିବସୂତ୍ର (3) ବିଷ୍ଣୁସୂତ୍ର (4) ବ୍ରହ୍ମସୂତ୍ର

61. **'କ' ସ୍ତମ୍ଭ** ସହିତ **'ଖ' ସ୍ତମ୍ଭର** ସମ୍ପର୍କ ନିରୂପଣ କର ।

| **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** | |
|---|---|---|---|
| (a) | ଜ୍ଞାନଚୂଡ଼ାମଣି | (i) | ଗୋବିନ୍ଦଭଞ୍ଜ |
| (b) | କୃଷ୍ଣଭକ୍ତି ରସାମୃତ | (ii) | ପାର୍ଥ ଶ୍ରୀଚନ୍ଦନ |
| (c) | କଳାବତୀ | (iii) | ଭଉଁରି ଦାସ |
| (d) | ଚୈତନ୍ୟବିଳାସ | (iv) | ମାଧବ ପଟ୍ଟନାୟକ |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (i) | (iii) | (iv) | (ii) |
| (2) | (iii) | (iv) | (ii) | (i) |
| (3) | (iv) | (ii) | (i) | (iii) |
| (4) | (iii) | (i) | (ii) | (iv) |

62. **'କ' ସ୍ତମ୍ଭ** ସହିତ **'ଖ' ସ୍ତମ୍ଭର** ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ଚଉତିଶା | (i) | ଆଗତବାଣୀ |
| (b) | ମାଳିକା | (ii) | ବ୍ୟଞ୍ଜନବର୍ଣ୍ଣାନୁକ୍ରମ |
| (c) | ଭଜନ | (iii) | ପୁରାକଥା |
| (d) | ପୁରାଣ | (iv) | ନାମକୀର୍ତ୍ତନ |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (ii) | (i) | (iv) | (iii) |
| (2) | (iii) | (iv) | (i) | (ii) |
| (3) | (i) | (ii) | (iv) | (iii) |
| (4) | (iv) | (iii) | (ii) | (i) |

63. **'କ' ସ୍ତମ୍ଭ** ସହିତ **'ଖ' ସ୍ତମ୍ଭର** ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ନରସିଂହ | (i) | ଦଣ୍ଡନାଟ |
| (b) | କଂସ | (ii) | ପ୍ରହ୍ଲାଦନାଟ |
| (c) | ଷୋଳ ସୁଆଙ୍ଗ | (iii) | ପାଟୁଆଯାତ୍ରା |
| (d) | କଣ୍ଟା | (iv) | ଧନୁଯାତ୍ରା |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iii) | (i) | (iv) | (ii) |
| (2) | (ii) | (iv) | (i) | (iii) |
| (3) | (iv) | (iii) | (ii) | (i) |
| (4) | (i) | (ii) | (iii) | (iv) |

64. ‘କ’ ସ୍ତମ୍ଭ ସହିତ ‘ଖ’ ସ୍ତମ୍ଭର ସମ୍ପର୍କ ନିରୂପଣ କର ।

| | ‘କ’ ସ୍ତମ୍ଭ | | ‘ଖ’ ସ୍ତମ୍ଭ |
|---|---|---|---|
| (a) | ସାହିତ୍ୟସନ୍ଦର୍ଭ | (i) | କପିଳେଶ୍ୱର ଦାସ |
| (b) | ବିବିଧ ପ୍ରବନ୍ଧ | (ii) | ବିଶ୍ୱନାଥ କର |
| (c) | ଜୀବନଚିନ୍ତା | (iii) | ବିପିନ ବିହାରୀ ଦାସ |
| (d) | ସାମାଜିକ ପ୍ରବନ୍ଧ | (iv) | ଗିରିଜାଶଙ୍କର ରାୟ |

| | (a) | (b) | (c) | (d) |
|---|---|---|---|---|
| (1) | (iv) | (ii) | (i) | (iii) |
| (2) | (iii) | (i) | (ii) | (iv) |
| (3) | (ii) | (iv) | (i) | (iii) |
| (4) | (i) | (iii) | (iv) | (ii) |

65. ‘କ’ ସ୍ତମ୍ଭ ସହିତ ‘ଖ’ ସ୍ତମ୍ଭର ସମ୍ପର୍କ ନିରୂପଣ କର ।

| | ‘କ’ ସ୍ତମ୍ଭ | | ‘ଖ’ ସ୍ତମ୍ଭ |
|---|---|---|---|
| (a) | କସ୍ତୁରୀମୃଗ | (i) | ଉମାଶଙ୍କର ମିଶ୍ର |
| (b) | ଗଙ୍ଗା ଓ ଗାଙ୍ଗୀ | (ii) | ଚନ୍ଦ୍ରଶେଖର ରଥ |
| (c) | ଅସୂର୍ଯ୍ୟ ଉପନିବେଶ | (iii) | ବୀଣାପାଣି ମହାନ୍ତି |
| (d) | ତ୍ରିଶଙ୍କୁ | (iv) | ବସନ୍ତ ଶତପଥୀ |

| | (a) | (b) | (c) | (d) |
|---|---|---|---|---|
| (1) | (iii) | (iv) | (ii) | (i) |
| (2) | (i) | (ii) | (iv) | (iii) |
| (3) | (iv) | (iii) | (ii) | (i) |
| (4) | (ii) | (i) | (iii) | (iv) |

66. **'କ' ସ୍ତମ୍ଭ** ସହିତ **'ଖ' ସ୍ତମ୍ଭର** ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ମଧୁସୂଦନ ରାଓ | (i) | କନକାଞ୍ଜଳି |
| (b) | ରବୀନ୍ଦ୍ରନାଥ ଠାକୁର | (ii) | ଅଞ୍ଜଳି |
| (c) | କୁନ୍ତଳାକୁମାରୀ ସାବତ | (iii) | କୁସୁମାଞ୍ଜଳି |
| (d) | ବିଦ୍ୟୁତ୍‌ପ୍ରଭା ଦେବୀ | (iv) | ଗୀତାଞ୍ଜଳି |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (i) | (iii) | (iv) | (ii) |
| (2) | (iii) | (iv) | (ii) | (i) |
| (3) | (ii) | (iii) | (iv) | (i) |
| (4) | (iv) | (i) | (iii) | (ii) |

67. **'କ' ସ୍ତମ୍ଭ** ସହିତ **'ଖ' ସ୍ତମ୍ଭର** ସମ୍ପର୍କ ନିରୂପଣ କର ।

| | **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|---|
| (a) | ଧଉଳି ପାହାଡ଼ | (i) | ଅନନ୍ତ ପଟ୍ଟନାୟକ |
| (b) | ହେମଶସ୍ୟ | (ii) | ରାଧାମୋହନ ଗଡନାୟକ |
| (c) | ସୂର୍ଯ୍ୟ ଓ ଅନ୍ଧକାର | (iii) | ପଦ୍ମଚରଣ ପଟ୍ଟନାୟକ |
| (d) | ଝରରେ ରୁଧିର | (iv) | ମାୟାଧର ମାନସିଂହ |

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (i) | (ii) | (iv) | (iii) |
| (2) | (ii) | (iv) | (iii) | (i) |
| (3) | (iii) | (iv) | (ii) | (i) |
| (4) | (iv) | (iii) | (i) | (ii) |

68. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସମ୍ପର୍କ ନିରୂପଣ କର ।

| | 'କ' ସ୍ତମ୍ଭ | | 'ଖ' ସ୍ତମ୍ଭ |
|---|---|---|---|
| (a) | କବିଗୁରୁ ଉପେନ୍ଦ୍ରଭଞ୍ଜ | (i) | ରଘୁନାଥ ମିଶ୍ର |
| (b) | ଉପେନ୍ଦ୍ରଭଞ୍ଜ | (ii) | ମୁରାରୀମୋହନ ଜେନା |
| (c) | କବିସମ୍ରାଟ ଉପେନ୍ଦ୍ର ଭଞ୍ଜ | (iii) | ମାୟାଧର ମାନସିଂହ |
| (d) | ରାଜକବି | (iv) | ମନୋରଞ୍ଜନ ଦାସ |

| | (a) | (b) | (c) | (d) |
|---|---|---|---|---|
| (1) | (iii) | (iv) | (i) | (ii) |
| (2) | (ii) | (i) | (iv) | (iii) |
| (3) | (i) | (ii) | (iii) | (iv) |
| (4) | (iv) | (iii) | (ii) | (i) |

69. କାଳାନୁକ୍ରମେ ଶିଳାଲେଖଗୁଡ଼ିକର କେଉଁ କ୍ରମଟି ଠିକ୍?

(1) ଜୟବିଜୟ, ଉରଜାମ୍, ଦ୍ୱୈଭାଷିକ, ଗଣ୍ଡିବେତ

(2) ଉରଜାମ୍, ଗଣ୍ଡିବେତ, ଜୟବିଜୟ, ଦ୍ୱୈଭାଷିକ

(3) ଗଣ୍ଡିବେତ, ଉରଜାମ୍, ଦ୍ୱୈଭାଷିକ, ଜୟବିଜୟ

(4) ଦ୍ୱୈଭାଷିକ, ଗଣ୍ଡିବେତ, ଉରଜାମ୍, ଜୟବିଜୟ

70. 'ଚତୁରବିନୋଦ'ରେ ସ୍ଥାନିତ ଚାରିଗୋଟି ବିନୋଦର ଉପଯୁକ୍ତ କ୍ରମ କେଉଁଟି?

(1) ପ୍ରୀତି, ରସ, ନୀତି, ହାସ

(2) ହାସ, ରସ, ନୀତି, ପ୍ରୀତି

(3) ରସ, ନୀତି, ହାସ, ପ୍ରୀତି

(4) ନୀତି, ହାସ, ପ୍ରୀତି, ରସ

71. କାଳାନୁକ୍ରମେ କେଉଁଟି ଠିକ୍?

(1) ପଦ୍ମମାଳୀ, ସୌଦାମିନୀ, ଛମାଣ ଆଠଗୁଣ୍ଠ, ଭୀମାଭୂୟାଁ

(2) ସୌଦାମିନୀ, ପଦ୍ମମାଳୀ, ଛମାଣ ଆଠଗୁଣ୍ଠ, ଭୀମାଭୂୟାଁ

(3) ଛମାଣ ଆଠଗୁଣ୍ଠ, ସୌଦାମିନୀ, ପଦ୍ମମାଳୀ, ଭୀମାଭୂୟାଁ

(4) ପଦ୍ମମାଳୀ, ଛମାଣ ଆଠଗୁଣ୍ଠ, ସୌଦାମିନୀ, ଭୀମାଭୂୟାଁ

**ନିମ୍ନ ଅନୁଚ୍ଛେଦଟି ପଢି ପରବର୍ତ୍ତୀ ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ ।**

କ'ଣ ଅନନ୍ତ ଈଶ୍ୱରଙ୍କ ସଙ୍ଗେ କ୍ଷୁଦ୍ର ମାନବର ପ୍ରେମ ଅସମ୍ଭବ? ତା ହେଲେ କ୍ଷୁଦ୍ର ପ୍ରାଣରେ ଉଚ୍ଚ ଆକାଂକ୍ଷା କାହିଁକି? ଏ କଣ ବୃଥା ଆଶା? କେବଳ ମୋହର ଛଳନା? ନାଁ ତା ତ ହୋଇ ନ ପାରେ । ଇନ୍ଦ୍ରିୟ ଅଛି, ଅନ୍ଦ୍ରିୟର ବିଷୟ ଅଛି, ପ୍ରବୃତ୍ତି ଅଛି, ତାହା ଚରିତାର୍ଥ କରିବାର ଉପାୟ ଅଛି, ଅଥଚ ମାନବାତ୍ମାର ସର୍ବଶ୍ରେଷ୍ଠ ପ୍ରବୃତ୍ତିଟି-ହୃଦୟର ଉଚ୍ଚତମ ଆଶାଟି ଅପୂର୍ଣ୍ଣ ରହିବ? ଏହା ପ୍ରକୃତିର ନିୟମ ବିରୁଦ୍ଧ କଥା । ମହାନ୍ ବ୍ରହ୍ମ ଆମ୍ଭମାନଙ୍କ ପାଇଁ ଛୋଟ ହେବେ ନାହିଁ, ଅଥଚ ତାଙ୍କ ସଙ୍ଗେ ପ୍ରେମ ବିନା ଆମ୍ଭମାନଙ୍କର ଦିନ ଚଳିବ ନାହିଁ । ଏ ସମସ୍ୟା କିଏ ପୂରଣ କରିବ ? ଏହି ସମସ୍ୟା ପୂରଣ କରିବା ପାଇଁ ବୋଧହୁଏ ସାକାରବାଦର ଅବତାରଣା । କୌଣସି କୌଣସି ସାକାରବାଦୀଙ୍କ ମୁଖରୁ ଏହିପରି କଥା ଶୁଣାଯାଏ, କିନ୍ତୁ ସେ ବୃଥା ଚେଷ୍ଟା । ସେ ଆକାର ତ ପ୍ରକୃତ ବସ୍ତୁ ନୁହେଁ- ସେ କଳ୍ପନାର କ୍ରୀଡ଼ା । କଳ୍ପନାରେ ଯେ ପ୍ରକୃତବସ୍ତୁ ଉପଭୋଗ କରିବାର ଆଶା କରେ, ସେ ଭ୍ରାନ୍ତ, ସେ ବିତୁଳ । ଯାହା ଅସଲ ବସ୍ତୁର ନକଲ ସୁଦ୍ଧା ନୁହେଁ ସେ କିପରି ହୃଦୟର ଗଭୀର ପିପାସା ନିବାରଣ କରିବ?

**72.** କ୍ଷୁଦ୍ର ପ୍ରାଣରେ ଉଚ୍ଚ ଆକାଂକ୍ଷା ପ୍ରସଙ୍ଗ କାହିଁକି ଆସିଛି?

(1) ଈଶ୍ୱରଙ୍କ ପ୍ରତି ମାନବର ପ୍ରେମ ଭାବନା ଯୋଗୁଁ

(2) ବସ୍ତୁ ଜଗତରେ ଉନ୍ନତିର ଆକାଂକ୍ଷା ଯୋଗୁଁ

(3) ଅନନ୍ତ ଈଶ୍ୱରଙ୍କ ଠାରୁ ମୋକ୍ଷ କାମା ଯୋଗୁଁ

(4) କ୍ଷିଦ୍ରତା ପ୍ରାଣରେ ନୁହେଁ ଚିନ୍ତାରେ ଥିବା ଯୋଗୁଁ ।

**73.** ଇନ୍ଦ୍ରିୟ-ବିଷୟ ଚରିତାର୍ଥ କାହିଁକି ଉଚ୍ଚତମ ଆଶା ନୁହେଁ?

(1) ଇନ୍ଦ୍ରିୟ ଆକାଂକ୍ଷା ସାଂସାରିକତାକୁ ଭତ୍ତି କରିଥାଏ ।

(2) ଏହା ମନୁଷ୍ୟକୁ ନିମ୍ନଗାମୀ କରାଏ ।

(3) ଇନ୍ଦ୍ରିୟର ଆକାଂକ୍ଷା ପୂର୍ତ୍ତି ମନୁଷ୍ୟକୁ ଈଶ୍ୱର-ଭାବନାରୁ ଦୂରେଇ ଦିଏ ।

(4) ଇନ୍ଦ୍ରିୟ-ବିଷୟ ପୂର୍ତ୍ତି ଉଚ୍ଚତମ ଆଶାର ବାଧକ ।

**74.** କେଉଁ ସମସ୍ୟାର ପ୍ରସଙ୍ଗ ଏଠି ଉତ୍କୀର୍ଣ୍ଣ?

(1) ବ୍ରହ୍ମ ମହାନ୍, ତାଙ୍କୁ କ୍ଷୁଦ୍ର ମାନବ ଭଲ ପାଇବା

(2) ଇନ୍ଦ୍ରିୟର ବାସନା ପୂର୍ତ୍ତି

(3) ମଣିଷର ବାସନା-ନିରାକରଣ

(4) ବ୍ରହ୍ମଙ୍କୁ କ୍ଷୁଦ୍ର ନ କରି ମାନବ ତାଙ୍କୁ ଭଲ ପାଇବା ।

**75.** କଳ୍ପନାର କ୍ରୀଡ଼ା ଭାବରେ କିଏ ଏଠାରେ ଚିହ୍ନିତ?

(1) ଆକାର

(2) ଅସଲ ବସ୍ତୁର ନକଲ

(3) ହୃଦୟର ଗଭୀର ପିପାସା

(4) ସାକାରବାଦୀ

**- o O o -**

**Space For Rough Work**